# Akashvani, Sambalpur

# SAMBALPURI NEWS BULLETIN

## 2 November 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ବଲାଙ୍ଗିର୍ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ଗସ୍ତରୁ ଆସୁଛନ୍ । ଇ ଗସ୍ତ ସମିଆରୁ ମୁଖ୍ୟମନ୍ତ୍ରୀ ତୁଷୁରା, ବେଲ୍ପଡ଼ା, ପାଟ୍ନାଗଡ଼୍ ଆର୍ ବଲାଙ୍ଗିର୍ ନ ୬ ଟା କାର୍ଯ୍ୟକ୍ରମ୍ରୁ ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଢ଼େଇ କିଲୋମିଟର୍ ଲମ୍ବାର ଅପର୍ଲାନ୍ଥ ଜଲ୍ସେଚନ୍ ପ୍ରକଳ୍ପ, ୧୭ ଟା ପାନୀୟ ଜଳ ପ୍ରକଳ୍ପ, ପାଟ୍ନାଗଡ଼୍ ବାଇପାସ୍ ରାସ୍ତା ତିଆରି, ତୁଷୁରା ଏୟାର୍ଷ୍ଟ୍ରିପ୍ର ଉନ୍ନତିକରଣ୍, ଭିନ୍ନକ୍ଷମ ସଶକ୍ତିକରଣ୍ ଲାଗି ସମନ୍ୱିତ ଭିତିଭୂମି କମ୍ପ୍ଲେକ୍ସ ଆର୍ ୩ ଟା ଗ୍ରାମ୍ୟ ଉନ୍ନୟନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କର୍ବେ । ଇତାର୍ଛଡ଼ା ୧୬ ଟା ଗ୍ରାମ୍ୟ ଉନ୍ନୟନ୍ ଭିତିଭୂମି ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗ୍ର ୩୧ ଟା ପ୍ରକଳ୍ପ, ମଣ୍ଡଲ୍ - ମନ୍ଦୋଦରା ରାସ୍ତାର ଉନ୍ନତିକରଣ୍ ପ୍ରକଳ୍ପ, ବଲାଙ୍ଗିର୍ ଠାନେ ୧୨ ଟା କୁଠି ଥିବାର୍ ସାର୍କିଟ୍ ହାଉସ୍ର ନୂଆଁ ବିଲ୍ଡିଂ ଆର୍ ୩ ଟା ପାନୀୟ ଜଳ ପ୍ରକଳ୍ପକେ ଉଦ୍ଘାଟନ୍ କର୍ବେ । ସେନ୍ତା

ଉପର୍‌ବେଲା ଜିଲ୍ଲା ପ୍ରତିଷ୍ଠା ଦିବସ୍, ବଲାଙ୍ଗିର୍ ଦିନ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ୍‌ଦେବେ । ଇସବୁ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଆଉ ସାଂସଦ୍ ସଙ୍ଗୀତା ସିଂହଦେଓ ଉପସ୍ଥିତ୍ ରହେବେ ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ସୁଭଦ୍ରା ଯୋଜ୍‌ନା ଲାଗି ଆଉଘାଏ ଗାଇଡ୍ ଲାଇନ୍ ତିଆରି ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ବାଦ୍ ପଡ଼ିଥିବା ହିତାଧିକାରୀମାନ୍‌କୁ କେନ୍ତା ଫେର୍‌ଥରେ ସାମିଲ୍ କରାଯିବା, ସେ ବାବ୍‌ଦେ ତର୍ଜମା କରାଯାଇକରି ନୂଆଁ ମାର୍ଗଦର୍ଶିକା ଆସ୍‌ବା । ସୁଭଦ୍ରା ଯୋଜ୍‌ନାଥି ୨ ଲାଖ୍ ୬୭ ହଜାର୍ ମହିଲା ଅଯୋଗ୍ୟ ତାଲିକାଥି ଅଛନ୍ । ଇ ତାଲିକାର ଆଉଘାଏ ବିଚାର୍ କରାଯିବା ଆଉ ଖୋବ୍ ଜଲ୍‌ଦି ପହେଲା କିସ୍ତିର୍ ୩ ନମ୍ବର୍ ଖେପ୍‌ର ଟଙ୍କା ଦିଆଯିବା । ଗଲା ୨ ଟା ଖେପେ ବାଦ୍ ପଡ଼ିଥିବା ଅଙ୍ଗନବାଡ଼ି କର୍ମୀଙ୍କୁ ଇଥର ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଦକ୍ଷତା ପଦକ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ୩ ଝନ୍ ପୁଲିସ୍ କର୍ମଚାରୀ ୨୦୨୪ ବଛର୍ ଲାଗି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଦକ୍ଷତା ପଦକ୍ ପାଏବେ । ଅନୁସନ୍ଧାନ୍ ବର୍ଗଥି ଇନ୍ସପେକ୍ଟର୍ ସବ୍ୟସାଚୀ ମଲ୍ଲ, ରାଜେନ୍ଦ୍ର ନାରାୟଣ୍ ପଟ୍ଟନାୟକ୍ ଆର୍ ରିଗାନ୍ କିଣ୍ଡୋଙ୍କୁ ଇ ପଦକ୍ ଦିଆଯିବା । ଫି’ ବଛର୍ ଆଘର୍ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ଇ ପଦକ୍ ଘୋଷ୍‌ନା କରାଯାଏସି । ଇ ବଛର୍ ୪ ଟା ବର୍ଗଥି ମୋଟ୍ ୪ ଶହ ୬୩ ଝନ୍ ପୁଲିସ୍ କର୍ମଚାରୀଙ୍କୁ ଇ ପଦକ୍ ମିଲ୍‌ବା ।

ସୁଡୁଙ୍ଗ୍ ତିଆରି -କେନ୍ଦ୍ର ବିଶେଷଜ୍ଞ କମିଟିର ମଞ୍ଜୁରୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଢ୍ କିଲୋମିଟର୍ ଲମ୍ବା ସୁଡୁଙ୍ଗ୍ ତିଆରି ଲାଗି ଏତ୍‌କେ କେନ୍ଦ୍ର ବିଶେଷଜ୍ଞ କମିଟିର ମଞ୍ଜୁରୀ ନେବାର୍‌କେ ପଡ୍‌ବା । ଇତାର୍‌ସହେତେ ସୁଡୁଙ୍ଗ୍ ତିଆରି ବାବଦ୍ ମଞ୍ଜୁରୀ ମିଲ୍‌ଲା ଉତ୍‌ରୁ

କେନ୍ଦ୍ର ସର୍‌କାର୍‌ଙ୍କୁ ଆବେଦନ୍ କର୍‌ବାର୍‌କେ ପଡ଼୍‌ବା । ଇ ବାବ୍‌ଦେ କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜମାର୍ଗ ମନ୍ତ୍ରଣାଳୟ ତର୍‌ଫୁ ଓଡ଼ିଶା ସହେତେ ଦେଶର୍ ସବୁ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ଆଉ ନିର୍ମାଣ ସଂସ୍ଥାମାନ୍‌କୁ ଚିଠି ଲେଖାଯାଇଛେ । ଦୁର୍ଘଟଣା ଥିତିଥି ରକ୍ଷା ପାଏବାର୍ ଲାଗି ଏସ୍‌କେପ୍ ଟନେଲ୍ ବା ବୈକଳ୍ପିକ ମାର୍ଗ ତିଆରିକେ ଭିଲ୍ ଅନିବାର୍ଯ୍ୟ କରାଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଗଲା ଅକ୍ଟୋବର୍ ମାସେ ସାମଗ୍ରୀ ଆଉ ସେବା ଟିକସ୍- ଜିଏସ୍‌ଟି ଶହେ କୋଟି ୮୭ ଲାଖ୍ କୋଟି ଟଙ୍କା ଆଦାୟ କରିଛନ୍ । ବାର୍ଷିକ ଭିତିଥି ଇଟା ଶତ୍‌କଡ଼ା ୯ ଭାଗ୍ ଅଭିବୃଦ୍ଧି ହେଇଛେ । ଇ ସମିଆଥି ଓଡ଼ିଶା ନ ଜିଏସ୍‌ଟି ଆଦାୟ ୧୦ ପ୍ରତିଶତ୍ ବଢ଼ିକରି ୪ ହଜାର୍ ୫ ଶହ ୯୨ କୋଟି ଟଙ୍କା ହେଇଛେ ବଲି ଅର୍ଥମନ୍ତ୍ରଣାଳୟର୍ ଗୁଟେ ରିପୋର୍ଟନୁ ଜନାପଡ଼ିଛେ ।

ସ୍ୱତନ୍ତ୍ର ଟ୍ରେନ୍-ଭାରତୀୟ ରେଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛଟ୍ ପୂଜା କେ ନଜର୍‌ଥି ରଖିକରି ରେଲ୍‌ମନ୍ତ୍ରଣାଳୟ ତର୍‌ଫୁ ୭ ହଜାର୍ ୩ ଶହ ୪୫ ଟା ଟ୍ରେନ୍ ଚଲାବାର୍‌କେ ନିଷ୍ପତି ନିଆୟାଇଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଯେନ୍‌ଟାକି ଗଲାବଛର୍‌ର ୪ ହଜାର୍ ୫ ଶହ ଠାନୁ ବହୁତ ଅଏତ୍‌କା ବଲି ସେ କହିଛନ୍ । ଶ୍ରୀ ବୈଷ୍ଣବ୍ କହିଛନ୍ ଯେ, ଇତାର୍‌ସହେତେ ଅଏତ୍‌କା ଟିକଟ୍ କାଉଂଟର୍ ଆର୍ ବିଶ୍ରମ୍‌ଗାର୍‌ର ଭିଲ୍ ବ୍ୟବସ୍ଥା କରାୟାଇଛେ । ଇଥିର୍ ଲାଗି ଷ୍ଟେସନ୍‌ମାନ୍‌କେ ୟାତ୍ରୀମାନ୍‌କର୍ ଭିଡ୍ କମ୍‌ବାର୍ ସହେତେ ଶୃଙ୍ଖଲିତ୍ ଭାବେ ୟାତ୍ରୀମାନେ ୟାତ୍ରା କରିପାର୍‌ବେ ବଲି ରେଲ୍‌ମନ୍ତ୍ରୀ କହିଛନ୍ ।

ବେଙ୍କ୍ ବନ୍ଦ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ଭିନ୍ ଭିନ୍ ଇଲାକା ନ ଇ ମାସ ବେଙ୍କ୍ ୧୩ ଦିନ୍ ବନ୍ଦ୍ ରହେବା । ଇ ବାବ୍‌ଦେ ରିଜର୍ଭ ବେଙ୍କ୍ ଅଫ୍ ଇଣ୍ଡିଆର ଅଫିସିଆଲ୍ ଓ୍ୱେବ୍‌ସାଇଟ୍‌ଥି ସୂଚ୍‌ନା ଦିଆୟାଇଛେ । ଦେଶର୍ ଭିନ୍ ଭିନ୍ ଇଲାକା ନ ପର୍ବପର୍ବାଣୀ ଲାଗି ବେଙ୍କ୍ ନ ୭ ଦିନ୍ ବେଙ୍କ୍ ବନ୍ଦ୍ ରହେବା । ସେନ୍ତା ୪ ଟା ରଏବାର୍ ଆଉ ୨ ଟା ଶନିବାର୍ ଲାଗି ଭିଲ୍ ବେଙ୍କ୍ ବନ୍ଦ୍ ରହେବା । ହେଲେ ବେଙ୍କ୍ ଛୁଟି ରହେଲେ ଭିଲ୍

ଗ୍ରାହକ୍ ଅନ୍‌ଲାଇନ୍ ବେଙ୍କିଙ୍ଗ୍ ଆର୍ ଏଟିଏମ୍‌ନୁ ଟଙ୍କା ଉଠାୟାଇପାର୍‌ବା ।

ସତର୍କତା ସଚେତନତା ସପ୍ତାହ ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବତଟ ରେଲପଥ ତର୍‌ଫୁ ଚାଲିଥିବା ସତର୍କତା ସଚେତନତା ସପ୍ତାହ ଉଦ୍‌ୟାପିତ୍ ହେଇୟାଇଛେ । ସତ୍ୟନିଷ୍ଠା ଆଉ ସଂସ୍କୃତିନୁ ରାଷ୍ଟ୍ରସମୃଦ୍ଧି ବିଷୟବସ୍ତୁ ଆଧାର୍‌ଥି ପାଲନ୍ କରାୟାଇଥିବା ସଚେତନତା ସପ୍ତାହଥି ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ୍ ଆର୍ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର୍ ବେହେରା ଆଉ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଇ ଅବ୍‌ସରେ ଲୋକ୍‌ମାନ୍‌କର୍ ସେବାଥି ଅଖଣ୍ଡତା ଆଉ ସ୍ୱଚ୍ଛତା ଉପ୍‌ରେ ଜୋର୍ ଦେଇଥିଲେ ।

ୟୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଆଏବା ଜାନୁଆରୀ ୨ ନୁ ୧୨ ତାରିଖ୍‌ତକ୍ ୟୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ହେବା । ପରିଷଦ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ଇ ବଛର୍ ଡିସେମ୍ବର୍ ୨୩

ନୁ ୩୦ ତାରିଖ୍ ଭିତ୍ରେ ଇଂଟର୍ନାଲ୍ ଏସେସ୍ମେଂଟ୍ କରାଯିବା । ପରୀକ୍ଷାର୍ଥୀମାନ୍କୁ ପ୍ରାକ୍ଟିକାଲ୍ ପରୀକ୍ଷାର୍ ୩୦ ମିନିଟ୍ ଆଘୋନୁ ପରୀକ୍ଷା କେନ୍ଦ୍ର ଭିତର୍କେ ଯିବାର୍କେ ପଡ଼୍ବା । ସବୁ ପରୀକ୍ଷା କେନ୍ଦ୍ର ମାନ୍କେ ସିସିଟିଭି ଲଗାବାର୍କେ ବାଧ କରାଯାଇଛେ ।

ସୁବର୍ଣ୍ଣପୁର୍- ଶ୍ୟାମାକଲୀ ପୂଜା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିନ୍ ଭିନ୍ ଜାଗା ନ ମାଁ ଶ୍ୟାମାକାଲୀଙ୍କର୍ ପୂଜା ପାରମ୍ପାରିକ ରୀତିଥି ଚାଲିଛେ । ପୂଜା ମଣ୍ଡପ୍ ମାନ୍କେ ଶ୍ରଦ୍ଧାଳୁମାନ୍କର୍ ଭିଡ଼୍ ଦେଖ୍ବାର୍କେ ମିଲିଛେ । କେତେ ଜାଗା ନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ହେଉଛେ ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ଆଏବା ୫ ତାରିଖ୍ ଆଡ଼େ ଦକ୍ଷିଣ ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇପାରେ । ଧିରେ ଧିରେ ଇଟା ଅଏତ୍କା ଘନୀଭୂତ ହେଇକରି ୭ ତାରିଖ୍ ଆଡ଼େ ଅବପାତ ହେବା । ହେଲେ ଓଡ଼ିଶା ଉପ୍ରେ ଇତାର୍ କେନ୍ସି ପ୍ରଭାବ୍ ନାଇଁପଡ଼େ । ଆଏବା ୭ ଦିନ୍‌ତକ୍ ଓଡ଼ିଶା ନ ପାଗ ମୁଖ୍ୟତଃ ଶୁଖା ରହେବା

ବଲି ଭାରତୀୟ ପାଣିପାଗ ବିଭାଗ୍ ତରଫ୍ରୁ ଅନୁମାନ୍ କରାଯାଇଛେ ।